ଧରିତ୍ରୀ
DHARITRI

Date 12 Feb, 2022 - BHUBANESWAR - 05_BBSR

Image Text

# ବିଜିୟୁର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୨

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ର ସ୍କୁଲ ଅଫ୍ ଲ ପକ୍ଷରୁ ଫାକଲ୍ଟି, ରିସର୍ଚ୍ଚ ସ୍କଲାର ଏବଂ ପ୍ରାକ୍ଟିସନରଙ୍କ ପାଇଁ ଟିଚିଂ ପେଡାଗୋଜି ଓ ରିସର୍ଚ୍ଚ ସ୍କିଲ୍ ବିଷୟବସ୍ତୁ ଉପରେ ନିକଟରେ ଏକ ୭ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍‌ଲାଇନ ଜରିଆରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦେଶର ୪୧ଟି ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୩୬ଜଣ ରିସର୍ଚ୍ଚ ସ୍କଲାର, ୨୯ ଜଣ ଶିକ୍ଷାବିତ୍ ଏବଂ ୨ ଜଣ ଆଇନ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସେହିପରି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସପ୍ତାହବ୍ୟାପୀ 'ଆପ୍ଲାଏଡ୍ ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସ ଫର୍ ରିସର୍ଚ୍ଚ' ଉପରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଫାକଲ୍ଟି ଏବଂ ରିସର୍ଚ୍ଚ ସ୍କଲାରମାନେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସ ଓ ଟାଇମ୍ ସିରିଜ୍ ଡାଟା ଆନାଲିସିସ୍ କ୍ଷେତ୍ରରେ ଅଂଶଗ୍ରହଣକାରୀଙ୍କୁ ବ୍ୟାବହାରିକ ଆଭିମୁଖ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସର ଉଭୟ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ଦିଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଭାବନା ଶର୍ମା ଏବଂ ପ୍ରଫେସର ପି.କେ.ସାନ୍ୟାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରମେୟ
THE PRAMEYA
RNI REGD NO: ODIODI/2011/37619 - POSTAL REGD NO: BN/208/18-20
12 FEBRUARY 2022 SATURDAY ୧୨ ଫେବୃଆରୀ ୨୦୨୨ ଶନିବାର

# ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୨(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସ୍କୁଲ ଅଫ୍ ଲ ପକ୍ଷରୁ ଫାକଲ୍ଟି, ରିସର୍ଚ୍ଚ ସ୍କଲାର ଏବଂ ପ୍ରାକ୍ଟିସନରଙ୍କ ପାଇଁ ଟିଚିଙ୍ଗ ପେଡାଗୋଜୀ ଓ ରିସର୍ଚ୍ଚ ସ୍କିଲ ସମ୍ପର୍କିତ ସପ୍ତାହେ ବ୍ୟାପୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ୪୧ ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୩୬ ଜଣ ରିସର୍ଚ୍ଚ ସ୍କଲାର, ୨୯ ଶିକ୍ଷାବିତ ଏବଂ ୨ ଜଣ ଆଇନ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସେହିଭଳି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ମଧ୍ୟ ୨୪ ଜାନୁଆରୀରୁ ୩୦ ଜାନୁଆରୀ ପର୍ଯ୍ୟନ୍ତ ଆପ୍ଲାଏଡ ଫିନାନ୍ସିଆଲ ଇକୋନୋମେଟ୍ରିକ୍ସ ଫର ରିସର୍ଚ୍ଚ ଉପରେ ୭ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନର ଫାକଲ୍ଟି ଏବଂ ରିସର୍ଚ୍ଚ ସ୍କଲାରମାନେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସ ଓ ଟାଇମ ସିରିଜ ଡାଟା ଆନାଲିସିସ କ୍ଷେତ୍ରରେ ଅଂଶଗ୍ରହଣକାରୀଙ୍କୁ ବ୍ୟବସାୟିକ ଆଭିମୁଖ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସର ଉଭୟ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ପ୍ରଫେସର ପି.ପି. ମାଥୁର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରେଜିଷ୍ଟ୍ରାର ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଭାବନା ଶର୍ମା ଏବଂ ପ୍ରଫେସର ପି.କେ. ସାନ୍ୟାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।